# Akashvani, Sambalpur

## SAMBALPURI NEWS BULLETIN

### 17 July 2024- 6.47- 6.52 am.

**********************************************

ସୁନାବେଶ            ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ସିଂହଦୁଆର ଆଗାଡ଼େ ରଥାରୁଢ଼ ଚତୁର୍ଦ୍ଧାମୂର୍ତି ଆଏଜ୍ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଶ୍ରୀ ହରିଶୟନ ଏକାଦଶୀ ତିଥିଥି ଆଏଜ୍ ଉପର୍‌ବେଲା ୫ ବଜେନୁ ରାତିର୍ ରାତିର୍ ପାଖାପାଖ୍ ୧୧ ବଜେତକ୍ ପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ୍ ଆର୍ ଦେବୀ ସୁଭଦ୍ରା ସୁନାବେଶଥି ଦର୍ଶନ୍ ଦେବେ । ସୁନାବେଶ ସମିଆଥି ରଥ ଉପ୍‌ରେ ପ୍ରଭୁଙ୍କର୍ ସନ୍ଧ୍ୟାଧୂପ, ମହାଦୀପ ଆଉ ବନ୍ଦାପନା କରାଯିବା । ରାତି ସୁନାବେଶ, ମଇଲମ କରାଯିବାର୍ ସହେତେ ମହାପ୍ରଭୁଙ୍କର୍ ଚନ୍ଦନ ଲାଗି, ବଡ଼ସିଂହାର ବେଶ ଆର୍ ବଡ଼ସିଂହାର ଭୋଗ କରାଯିବା ବଲି ଜନାପଡ଼ିଛେ ।

ମହାପ୍ରଭୁଙ୍କର୍ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଭିଡ଼ ଲାଗିଛେ । ଭକ୍ତମାନେ ଯେନ୍ତା ଶୃଙ୍ଖଳିତ୍ ଭାବେ ମାହାପୁରୁଙ୍କର୍ ଦର୍ଶନ୍

କରିପାର୍‌ବେ, ହେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାରର୍ ପଦକ୍ଷେପ୍ ନିଆଯାଇଛେ । ରଥ ନ ଆଏବା କାଏଲ୍ ମାହାପୁରୁମାନ୍‌କର୍ ଅଧରପଣା ନୀତି ହେବା । ଆଏବା ଶୁକ୍ରବାର୍ ୧୯ ତାରିଖ୍ ଦିନ ମାହାପ୍ରଭୁଙ୍କର୍ ନୀଳାଦ୍ରୀ ବିଜେ ନୀତି ହେବା ।

ରଥଯାତ୍ରା ସମ୍ବଲପୁର ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ନ ବାହୁଡ଼ା ରଥଯାତ୍ରା ଉତ୍‌ରୁ ମହାପ୍ରଭୁ ମନ୍ଦିର୍ ମାନ୍‌କର୍ ସାମ୍ନାକେ ରଥଥି ପହଁଚିଛନ୍ । ଆଏଜ୍ ଝାଡ୍ରୁଆପଡ଼ାର୍ ଶ୍ରୀ ଶ୍ରୀ ବ୍ରହ୍ମପୁରା ରଥ ଉପ୍‌ରେ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଆଏବା କାଏଲ୍ ଅଧରପଣା ନୀତି ସହେତେ ଚତୁର୍ଦ୍ଧାମୂର୍ତି ମନ୍ଦିର୍ ଗମ୍ଭୀରାକେ ବିଜେ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସମ୍ବଲ୍‌ପୁର୍ ସହରର୍ ୨୫ ଟା ଜାଗା ସହେତେ ଜିଲ୍ଲା ନ ୨ ଶହ ନୁ ଅଏତ୍‌କା ଜାଗା ନ ବାହୁଡ଼ା ରଥଯାତ୍ରା ଅନୁଷ୍ଠିତ ହେଉଛେ ।

ମୁଖ୍ୟମନ୍ତ୍ରୀ- ନଗର୍ ଉନ୍ନୟନ୍ ବିଭାଗ୍ ସମୀକ୍ଷା

ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ଗୃହ ନିର୍ମାଣ୍ , ନଗର୍ ଉନ୍ନୟନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍ ସମୀକ୍ଷା କରିଛନ୍ । ସମୀକ୍ଷା ସମିଆଥି ମୁଖ୍ୟମନ୍ତ୍ରୀ ଯୋଜ୍‌ନା ମାନ୍‌କୁ ତୁର୍‌ତି କରିକରି ସହରର୍ ଲୁକ୍‌କର୍ ଲାଗି ଆଧୁନିକ୍ ସୁବିଧାର୍ ବିକାଶ୍ କର୍‌ବାର୍‌କେ ପରାମର୍ଶ ଦେଇଥିଲେ । ସହର୍‌ମାନ୍‌କର୍ ପାରିପାର୍ଶ୍ୱିକ ବିକାଶ୍ ଆଉ ସ୍ୱଚ୍ଛତା ଉପ୍‌ରେ ଜୋର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇତାର୍ ଜରିଏ ଗରିବ୍ ଲୁକ୍‌କର୍ ଲାଗି ଭିତିଭୂମି ଆଉ ଅଲ୍‌ଗା ସୁବିଧା କରାଯାଇପାର୍‌ବା । ବୈଠକ୍‌ଥି ବିଭାଗ୍ ତର୍‌ଫୁ ଶହେ ଦିନ୍‌ର ଏକ୍ସନ୍ ପ୍ଲାନ୍ ଉପସ୍ଥାପନ୍ କରାଯାଇଥିଲା ।

ମୁଖ୍ୟ ଶାସନ୍ ସଚିବ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୨୦୨୪ -୨୫ ସାଧାରଣ୍ ବଜେଟ୍ ଉପସ୍ଥାପନ୍‌ର ରୂପରେଖ ବାବ୍‌ଦେ ଗଲାକାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ଇଥି ମୁଖ୍ୟଶାସନ୍ ସଚିବ ମନୋଜ ଆହୁଜା ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍ ତର୍‌ଫୁ ନିରନ୍ତର୍ ବିକାଶ୍ ଲକ୍ଷ୍ୟ- ଭାରତ୍ - ସୂଚକାଙ୍କ-

୨୦୨୩-୨୪ ଥି ଓଡ଼ିଶାର୍ ଥିତି ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । କ୍ଷୁଧାମୁକ୍ତ ସମାଜ୍, ଉତମ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନାରୀ-ପୁରୁଷ ସମାନତା, ସଫା ପିଇବାର୍ ପାଏନ୍, ଜଲ୍‌ସେଚନ୍, ଜଲ୍‌ବାୟୁ ପରିବର୍ତନ୍‌କେ ନଜର୍‌ଥି ରଖିକରି କାର୍ଯ୍ୟକ୍ରମ୍ ନିଆଯିବା ଉପ୍‌ରେ ଆଲୋଚନା ନିଆଯାଇଥିଲା । ବୈଠକ୍‌ଥି ଆଏବା ୨୭ ତାରିଖ୍ ଦିନ ନୂଆଦିଲ୍ଲୀ ନ ହେବାର୍‌କେ ଥିବାର୍ ନୀତି ଆୟୋଗ୍‌ର ୯ ନମ୍ବର୍ ସାଧାରଣ ପରିଷଦ୍ ବୈଠକ୍ ଆର୍ ନଭେମ୍ବର୍ ମାସର୍ ୪ ନମ୍ବର୍ ଜାତୀୟ ମୁଖ୍ୟ ଶାସନ୍ ସଚିବ ସମ୍ମିଲନୀର ବିଷେ- ବିକଶିତ ଭାରତ୍ ଏଟ୍ -୨୦୪୭ ର ବିଷେଥି ଭିଲ୍ ଆଲୋଚନା କରାଯାଇଥିଲା ।

ସଂସଦ୍ ସର୍ବଦଲୀୟ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଘୋନୁ କେନ୍ଦ୍ର ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ୍ ରିଜିଜୁ ଲୋକ୍‌ସଭା ଆର୍ ରାଜ୍ୟସଭା ନ ରାଜନୈତିକ୍ ଦଲ୍‌ର୍ ନେତାମାନ୍‌କର୍ ସହେତେ ବୈଠକ୍ କର୍‌ବେ । ଆଏବା ୨୧ ତାରିଖ୍ ଦିନର୍ ୧୧ ବଜେ ନୂଆଦିଲ୍ଲୀ ସଂସଦ୍ ଭବନ୍ ଏନ୍.ଏକ୍ସର ମୁଖ୍ୟ କମିଟି କକ୍ଷ ନ ଇ ସର୍ବଦଲୀୟ ବୈଠକ୍ ହେବା ବଲି ଜନାପଡ଼ିଛେ । ଇନ ଜନେଇ

ଦିଆଯାଇପାରେ ଯେ, ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେବା ଆଉ ସରକାରୀ କାର୍ଯ୍ୟର୍ ଦରକାର୍ ଅନ୍‌ସାରେ ଅଧିବେଶନ୍ ଆଏବା ମାସର୍ ୨୨ ତାରିଖ୍ ଦିନ ଶେଷ୍ ହେଇପାରେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ସ୍କୁଲ୍ ଶିକ୍ଷା ସପ୍ତାହ          ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ଶିକ୍ଷାନୀତି-୨୦୨୦ର ୪ ନମ୍ବର୍ ବାର୍ଷିକ ଉତ୍ସବ୍ ଉଲ୍‌ଗୁନେ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଆଏବା ୨୨ ନୁ ୨୮ ତାରିଖ୍ ଭିତ୍‌ରେ ଶିକ୍ଷା ସପ୍ତାହ ପାଲନ୍ କରାଯିବା । ଇ ବାବ୍‌ଦେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ୍‌କେ ଚିଠି ଲେଖାଯାଇଛେ । ହେନ୍ତା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇକରି ଫି ଦିନ୍‌କେ ସ୍ୱତନ୍ତ୍ର ଭାବେ ପାଲନ୍ କରାଯିବାର୍ ଲାଗି କୁହାଯାଇଛେ । ଆଏବା ୨୨ ତାରିଖ୍ ପହେଲା ଦିନ ଶିକ୍ଷକ ଶିକ୍ଷା ସାମଗ୍ରୀ ଦିବସ ପାଲନ୍ କରାଯିବା ବଲି ଜନାପଡ଼ିଛେ ।

୨୧ ନୁ ମେଟ୍ରିକ୍ ପରୀକ୍ଷା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ଼୍ ତର୍ଫୁ ଆଏବା ୨୧ ତାରିଖ୍‌ନୁ ୩୧ ତାରିଖ୍‌ତକ୍ ମେଟ୍ରିକ୍ ସପ୍ଲିମେଂଟ୍‌ରୀ ପରୀକ୍ଷା କରାଯିବା । ମେଟ୍ରିକ୍ ସହେତେ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍-ଏସ୍.ଓ.ଏସ୍.ସି ପରୀକ୍ଷା ଭିଲ୍ ମୁଲ୍ ହେବା । ୯ ଶହ ୭୩ ଝନ୍ ସପ୍ଲିମେଂଟରୀ ପରୀକ୍ଷାର୍ଥୀଙ୍କର୍ ଲାଗି ୮୩ ଟା ସେଂଟର୍ କରାଯାଇଛେ । ସେନ୍ତା ୨୪ ହଜାର୍ ୫ ଶହ ୨୦ ଏସ୍.ଓ.ଏସ୍.ସି ପରୀକ୍ଷାର୍ଥୀ ଶହେ ୨୧ ଟା କେନ୍ଦ୍ର ନ ପରୀକ୍ଷା ଦେବେ ବଲି ବୋର୍ଡ଼୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ଭୀମଭୋଇ ସାମର୍ଥ୍ୟ ଅଭିଯାନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ କଲ୍ୟାଣ୍‌ମଣ୍ଡପ୍ ନ ଉପଖଣ୍ଡସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଅଭିଯାନ୍ ହେଇଯାଇଛେ । ହେଥି ଜିଲ୍ଲାସ୍ୱାସ୍ଥ୍ୟବୋର୍ଡ଼ର ନିଷ୍ପତି ଅନ୍‌ସାରେ ଦିବ୍ୟାଙ୍ଗ ମାନ୍‌କୁ ପ୍ରମାଣ୍‌ପତ୍ର ଦିଆଯାଇଥିଲା ।

ଲଘୁଚାପ ଆର୍‌ଏନ୍‌ୟୁ /ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ ଇହାଦେ ଦକ୍ଷିଣ ଛତିଶ୍‌ଗଡ଼୍ ଉପ୍‌ରେ ରହିଛେ । ଇ ଲଘୁଚାପ୍‌ର ବଲେ ଆଏଜ୍‌ଠାନୁ ବର୍ଷା ବଢ଼୍‌ବା । ଆଏବା ଶୁକ୍ରବାର୍ ପଶ୍ଚିମ କେନ୍ଦ୍ରୀୟ ଆର୍ ଆଖର୍‌ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଲଘୁଚାପ୍ ସୃଷ୍ଟି ହେବା । ଇ ଲଘୁଚାପ୍‌ର ବଲେ ବର୍ଷା ବଢ଼୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏଜ୍ କଲାହାଣ୍ଡି, କନ୍ଧମାଲ୍ ସହେତେ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଆର୍ ଆଏବା କାଏଲ୍ ରାଜ୍ୟର୍ ଦକ୍ଷିଣ ଆର୍ ଉତର୍ ଓଡ଼ିଶା ନ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।